# ପ୍ରଥମଥର ଫାଇନାଲ୍‌ରେ କ୍ରୋଏସିଆ



ମସ୍କୋ,୧୧।୭/ଏଜେନ୍ସି:

ଅତିରିକ୍ତ ସମୟରେ ମାରିଓ ମାଣ୍ଡଜୁକିକ୍‌ଙ୍କ ଗୋଲ୍ ସହାୟତାରେ କ୍ରୋଏସିଆ ପୂର୍ବତନ ଚମ୍ପିଅନ୍ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ହରାଇ ପ୍ରଥମଥର ପାଇଁ ଫିଫା ବିଶ୍ୱ କପ୍ ଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛି। ଫଳରେ ୫୨ ବର୍ଷ ପରେ ଦ୍ୱିତୀୟ ଥର ଇଂଲଣ୍ଡର ଟାଇଟଲ୍ ଜିତିବା ଆଶା ଧୂଳିସାତ୍ ହୋଇଯାଇଛି। ନିର୍ଦ୍ଧାରିତ ସମୟରେ ସ୍ଥିତି ୧-୧ ରହିବା ପରେ ଅତିରିକ୍ତ ସମୟ ଖେଳ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ସମୟର ୧୦୯ତମ ମିନିଟ୍‌ରେ ଇଭାନ୍ ପେରିସିକ୍‌ଙ୍କଠାରୁ ପାଇଥିବା ହେଡର୍‌କୁ କ୍ରସ୍ ଶଟ୍ ମାଧ୍ୟମରେ ଇଂଲଣ୍ଡ ଗୋଲ୍‌କିପର୍ ଜୋର୍ଡାନ୍ ପିକ୍‌ଫୋର୍ଡଙ୍କୁ ପରାହତ କରି ମାଣ୍ଡଜୁକିକ୍ କ୍ରୋଏସିଆକୁ ବିଜୟୀ କରାଇବା ସହ ଇତିହାସ ସୃଷ୍ଟି କରିଥିଲେ। ଲୁଝନିକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚଳିତ ବିଶ୍ୱ କପ୍‌ର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଉଭୟ ୟୁରୋପୀୟ ଦଳଙ୍କ ମଧ୍ୟରେ ପ୍ରଥମରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧର ୫ମ ମିନିଟ୍‌ରେ ଇଂଲଣ୍ଡକୁ ମିଳିଥିବା ଫ୍ରିକିକ୍‌କୁ ଦଳର ନୂଆ ଡେଭିଡ୍ ବେକ୍‌ହାମ୍ କୁହାଯାଉଥିବା କିଏରାନ୍ ଟ୍ରିପିୟର୍ ସେଟ୍ ପିସ୍‌ରୁ ଏକ ସୁନ୍ଦର ଶଟ୍ ମାଧ୍ୟମରେ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇ ଇଂଲଣ୍ଡକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ଏହା ଚଳିତ ବିଶ୍ୱ କପ୍‌ରେ ଇଂଲଣ୍ଡ ପକ୍ଷରୁ ସେଟ୍ ପିସ୍‌ରୁ ୯ମ ଗୋଲ୍ ଥିଲା, ଯାହା ୧୯୬୬ ପରେ ବିଶ୍ୱ କପ୍‌ର କୌଣସି ଏକ ସଂସ୍କରଣରେ ସେଟ୍ ପିସ୍‌ରୁ ସର୍ବାଧିକ ଗୋଲ୍। ପ୍ରଥମାର୍ଦ୍ଧରେ ଇଂଲଣ୍ଡ ୧-୦ରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ କ୍ରୋଏସିଆ ଆକ୍ରମଣାତ୍ମକ ପ୍ରଦର୍ଶନ କରି ୬୮ତମ ମିନିଟ୍‌ରେ ସ୍ଥିତି ବରାବର କରିଥିଲା। ଡାହାଣପଟ୍ଟୁ ସିମ୍ ଭାସ୍‌ଲଜକୋଙ୍କଠାରୁ ପାଇଥିବା ଏକ ପାସ୍‌କୁ କିଲି ୱାକର୍‌ଙ୍କ ମୁଣ୍ଡ ଉପରେ ଶଟ୍ ମାରି ଇଭାନ୍ ପେରିସିକ୍ ଗୋଲ୍ କରିଥିଲେ। ଏହାପରେ ଅଗ୍ରଣୀ ଲାଭ ପାଇଁ କ୍ରୋଏସିଆକୁ ଏକ ସୁଯୋଗ ମିଳିଥିଲା। ତେବେ ପେରିସିକ୍‌ଙ୍କ ଶଟ୍ ଇଂଲଣ୍ଡ ଗୋଲ୍‌ପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା। ଉଭୟ ଦଳ ଅଗ୍ରଣୀ ପାଇଁ ଉଦ୍ୟମ ଚଳାଇଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳରେ ଆଉ କୌଣସି ଗୋଲ୍ ହୋଇନଥିଲା। ଫଳରେ ଅତିରିକ୍ତ ସମୟ ଖେଳ ହୋଇଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ ମାଣ୍ଡଜୁକିକ୍‌ଙ୍କ ଦ୍ୱାରା ୧୦୯ତମ ମିନିଟ୍‌ରେ ହୋଇଥିବା ଗୋଲ୍‌ରେ କ୍ରୋଏସିଆ ବିଜୟ ହାସଲ କରିବାରେ ସଫଳ ହୋଇଥିଲା। ୧୫ ତାରିଖର ଟାଇଟଲ୍ ଲଢ଼େଇରେ କ୍ରୋଏସିଆ ଫ୍ରାନ୍ସକୁ ଭେଟିବ। ଉଲ୍ଲେଖଯୋଗ୍ୟ, କୋଚ୍ ଜାଲ୍‌କୋ ଡାଲିସ୍‌ଙ୍କ ରଣକୌଶଳରେ କ୍ରୋଏସିଆ ସେମିଫାଇନାଲ୍ ପର୍ଯ୍ୟନ୍ତ ଯାତ୍ରା ଉନ୍ନତ ପ୍ରଦର୍ଶନ ସହ ଶେଷ କରିଥିଲା। ଦଳ ଡେନ୍‌ମାର୍କ ଓ ରୁଷିଆକୁ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହରାଇ ଅନ୍ତିମ-୪ରେ ସ୍ଥାନ ହାସଲ କରିଥିଲା। ପୂର୍ବରୁ କ୍ରୋଏସିଆ ୧୯୯୮ରେ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ ମଧ୍ୟ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ୧୯୬୬ରେ ପ୍ରଥମ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରି ଇଂଲଣ୍ଡ ଚାମ୍ପିଅନ୍ ହୋଇଥିଲା। ଏହାପରେ ୧୯୯୦ରେ ଶେଷଥର ପାଇଁ ଅନ୍ତିମ-୪ରେ ସ୍ଥାନ ହାସଲ କରିଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନର ଇଂଲଣ୍ଡ ଟିମ୍‌ରେ ସାମିଲ ୨୩ ଜଣ ଖେଳାଳିଙ୍କ ମଧ୍ୟରୁ ୧୭ଜଣଙ୍କର ସେତେବେଳେ ଜନ୍ମ ମଧ୍ୟ ହୋଇନଥିଲା।


Thu, Jul 12, 2018
http://odishanewsnitidin.com